| Publication: | Samaya | TCS | |
|---|---|---|---|
| Edition: | Bhubaneswar | | |
| Date: | 26, August 2011 | | |
| Page: | 09 | | |


# ସେପ୍ଟେମ୍ବର ୬ରେ ଟିସିଏସ୍ ଆଇଟି-କ୍ୱିଜ୍

ଭୁବନେଶ୍ୱର(ସ.ବ୍ୟୁ):ଟାଟା କନ୍‌ସଲଟାନ୍ସି ସର୍ଭିଶେଷ ପକ୍ଷରୁ ୨୦୧୧ର ଟିସିଏସ୍ ଆଇଟି କ୍ୱିଜ୍ ଆସନ୍ତା ୨୦୧୧ରେ ଅନୁଷ୍ଠିତ ହେବ । ସ୍ଥାନୀୟ ଜୟଦେବ ବିହାରସ୍ଥିତ ପାଲ ହାଇଟସ୍‌ଠାରେ ଆସନ୍ତା ସେପ୍ଟେମ୍ବର ୦୬ ମଙ୍ଗଳବାର ଦିନ ଭାରତର ସର୍ବବୃହତ ଆଇଟିସ୍କୁଲ କୁଇଜ ଟିସିଏସ୍‌ର ଆଇଟି-କ୍ୱିଜ ୨୦୧୧ ଅନୁଷ୍ଠିତ ହେବ । ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଏହି କୁଇଜ୍ ପ୍ରତିଯୋଗିତା ପାଇଁ ପ୍ରବେଶ ଶୁଳ୍କ ନଥିବା ବେଳେ ୮ମରୁ ୧୨ଶ ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇପାରିବେ । ଭୁବନେଶ୍ୱର ପରି ସମଗ୍ର ଦେଶରେ ଟିସିଏସ୍ ଏପରି ୧୨ଟି ଜାଗାରେ ଆଇଟି କୁଇଜର ଆୟୋଜନ କରିବ । ହାଇଦ୍ରାବାଦ୍, ଅହମ୍ମଦାବାଦ, ବାଙ୍ଗାଲୋର, ଚେନ୍ନାଇ, କୋଇମ୍ବାଟୁର, ପୁନେ, କୋଲକାତା, ଭୁବନେଶ୍ୱର, କୋଚି, ଲକ୍ଷ୍ନୌ, ଦିଲ୍ଲୀ ଓ ମୁମ୍ବାଇଠାରେ ଅନୁଷ୍ଠିତ ହେବାକୁ ଥିବା ଆଞ୍ଚଳିକ ରାଉଣ୍ଡର ବିଜେତାମାନେ ଆସନ୍ତା ଡିସେମ୍ବରରେ ହେବାକୁ ଫାଇନାଲ ରାଉଣ୍ଡରେ ଭାଗ ନେବେ । ଏହି କୁଇଜ୍‌ରେ ଶିକ୍ଷା, ପୁସ୍ତକ, ମଲଟିମେଡିଆ, ସଂଗୀତ, ଚଳଚ୍ଚିତ୍ର, ବ୍ୟାଙ୍କିଂ, ଆଡଭର୍ଟାଇଜମେଣ୍ଟ, କ୍ରୀଡା ଆଦି କ୍ଷେତ୍ରରେ ଆଇଟିର ଉପଯୋଗୀତା ତଥା ବିଭିନ୍ନ ଆଇଟି କମ୍ପାନୀ ଉପରେ ପ୍ରଶ୍ନ ରହିବ । ଆସନ୍ତା ସେପ୍ଟେମ୍ବର ୨ ତାରିଖ ପୂର୍ବରୁ ପ୍ରବେଶ ଦାଖଲ କରିବାକୁ ସମସ୍ତ ଶିକ୍ଷାନୁଷ୍ଠାନକୁ ସୂଚିତ କରାଯାଇଛି ।